ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର ୧୫ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ମଦ୍ୟପାନ କରି ଗାଡ଼ିଚାଳନା ୨୪ ଘଣ୍ଟାରେ ୨୧ ଗିରଫ

ଛତ୍ରପୁର,୧୪।୧(ଡି.ଏନ୍.ଏ.): ମଦ୍ୟପାନ କରି ଗାଡ଼ି ଚଳାଉଥିବା ଲୋକଙ୍କୁ ଧରିବା ଲାଗି ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟା ମଧରେ ବିଭିନ୍ନ ଥାନା ପୋଲିସ ପକ୍ଷରୁ ପୃଥକ୍ ସ୍ଥାନରେ ଯାଞ୍ଚ କରାଯାଇ ମଦ୍ୟପାନ କରି ଗାଡି ଚଳାଉଥିବା ୨୧ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୧ଟି ବାଇକ୍ ଜବତ ହୋଇଥିବା ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ଏହି ଗାଡ଼ିଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ପୋଲିସ ପକ୍ଷରୁ ଆରଟିଓଙ୍କୁ ସୁପାରିସ କରାଯାଇଛି।

### ମମତା ଯୋଜନାର ଉପଦେଷ୍ଟା ହେଲେ ସବିତାରାଣୀ



ଶେରଗଡ଼, ୧୪।୧(ଡି.ଏନ.ଏ.): ଶେରଗଡ଼ର ଲୋକପ୍ରିୟ ନେତା ପୂର୍ବତନ ବ୍ଲକ ଅଧକ୍ଷ ସ୍ୱର୍ଗତ ବାବୁଲା କୁମାର ଚୌଧୁରୀଙ୍କ ସ୍ତ୍ରୀ ସବିତାରାଣୀ ଚୌଧୁରୀଙ୍କୁ ରାଜ୍ୟ ସରକାରଙ୍କ ମମତା ଯୋଜନାର ଉପଦେଷ୍ଟା ଭାବେ ଶୁକ୍ରବାର ନିଯୁକ୍ତି ମିଳିଛି। ଏହି ପଦବୀ ମିଳିବା ପରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ପଣ୍ଡା, ବିଜେଡି ନେତା ହୃଷିକେଶ ପାଢ଼ୀ,ବାସୁଦେବ ରାଉତ,ଗୌରହରି ବିଷୋୟୀ, କୃଷ୍ଣଚନ୍ଦ୍ର ଚୌଧୁରୀ, ବାସୁଦେବ ସ୍ୱାଇଁ ,ସରପଞ୍ଚ ରଞ୍ଜିତା ବେହେରା ଶୁଭେଚ୍ଛା ଜଣାଇଛନ୍ତି।

### ମେଡିକାଲ କର୍ମଚାରୀଙ୍କ ବିୟୋଗ

ପୋଲସରା,୧୪।୧(ଡି.ଏନ.ଏ.)- ପୋଲସରା ମେଡ଼ିକାଲରେ କାର୍ଯ୍ୟରତ ଭଗବାନ ସାହୁ ଶୁକ୍ରବାର ବିଳମ୍ବିତ ରାତିରେ ହୃଦଘାତରେ ପ୍ରାଣ ହରାଇଛନ୍ତି। ପୋଲସରା ମେଡ଼ିକାଲରେ ଦୀର୍ଘବର୍ଷ ଧରି ପିଏଚଇଓ ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ପୋଲସରା ବିଧାୟକ ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

### ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ଶେରଗଡ଼,୧୪।୧(ଡି.ଏନ୍.ଏ.)- ଶେରଗଡ଼ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ହୃଷୀକେଶ ପାଢ଼ୀ ଯୋଗ ଦେଇଥିଲେ। ସେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର ଅଂଶୁମାନ୍ ସାବତ ବିବେକାନନ୍ଦ ବାଣୀ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ସୂର୍ଯ୍ୟ ନାରାୟଣ ଦାଶ ଶିଶୁମାନଙ୍କୁ ବିବେକାନନ୍ଦଙ୍କ ପଥ ଅନୁସରଣ କଲେ ଯଶସ୍ୱୀ ହୋଇପାରିବ ବୋଲି କହିଥିଲେ। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା।

# ସ୍ୱତନ୍ତ୍ର କ୍ୟାବିନ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

## ରୋଗୀ କଲ୍ୟାଣ ସମିତି ବୈଠକ

ଛତ୍ରପୁର,୧୪।୧(ଡି.ଏନ୍.ଏ.)

ଛତ୍ରପୁର ହସ୍ପିଟାଲ ରୋଗୀ କଲ୍ୟାଣ ସମିତି ବୈଠକ ସ୍ଥାନୀୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ଦୀର୍ଘବର୍ଷ ଧରି ଛତ୍ରପୁର ହସ୍ପିଟାଲ ପରିସରରେ ଥିବା ସ୍ୱତନ୍ତ୍ର କ୍ୟାବିନ ଜରାଜୀର୍ଣ୍ଣ ଅବସ୍ଥାରେ ବନ୍ଦ ରହିଛି। ଉକ୍ତ ୫ ଟି ସ୍ୱତନ୍ତ୍ର କ୍ୟାବିନକୁ ଆସନ୍ତା ୧୫ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି କ୍ୟାବିନର ଭଡା ୨୦୦ ଟଙ୍କା ରଖିବାକୁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ହାଇସ୍କୁଲ ଭଳି ୫-ଟି ଆଧାରରେ ଛତ୍ରପୁର ହସ୍ପିଟାଲର ରୂପାନ୍ତକରଣ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ଏଥିପାଇଁ ଡିଜାଇନ ପ୍ରସ୍ତୁତ ହେବ ଏବଂ ଏହାର କାମ ଆରମ୍ଭ ହେବ। ବୈଠକରେ କେତେଜଣ ସରକାରୀ ଅଧିକାରୀ ଅନୁପସ୍ଥିତ ଥିବାରୁ ଉପଜିଲ୍ଲାପାଳ ନାପସନ୍ଦ କରିଥିଲେ। ଏଣିକି ଅନୁପସ୍ଥିତ ରହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। ହସ୍ପିଟାଲ ଆଉଟଡୋର ନିକଟରେ ୧୦୮ ଆମ୍ବୁଲାନ୍ସ ରଖିବାକୁ ସ୍ଥିର ହୋଇଛି। ଜଣେ ଲ୍ୟାବ୍ ଟେକ୍‌ନିସିଆନ ଥିବାରୁ ବିଭିନ୍ନ ରକ୍ତ ପରୀକ୍ଷାରେ ବିଳମ୍ବ ହେଉଛି। ତେଣୁ ସେଠାରେ ୩ ଜଣଙ୍କୁ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କାହ୍ନୁ ଗୌଡ଼, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ସମିତି ସଦସ୍ୟ ବିଜୟ ପଟ୍ଟନାୟକ, ଏସ୍. ରେଖା ମହାନ୍ତି, ବସନ୍ତ କୁମାର ମହାରଣା ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ ବିଧାୟକ, ଉପଜିଲାପାଳ ଓ ଅନ୍ୟମାନେ।

## ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ପାତ୍ରପୁର,୧୪।୧(ଡି.ଏନ୍.ଏ.)

ଜରଡ଼ା ଥାନା ସାମନ୍ତରାପୁର ଗ୍ରାମର ବିପିନ ପ୍ରଧାନଙ୍କ ଶୁକ୍ରବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଆସିଥିଲା। ଗ୍ରାମବାସୀ ଓ ମୃତକଙ୍କ ପରିବାରବର୍ଗ ଦୁର୍ଘଟଣା ଘଟାଇ ଫେରାର ଥିବା ବାଇକ୍ ଚାଳକଙ୍କୁ ଧରିବାରେ ପୋଲିସର ଶିଥିଳତା ପ୍ରତିବାଦ ଓ କ୍ଷତିପୂରଣ ପ୍ରଦାନ ଦାବିରେ ସାମନ୍ତରାପୁର ନିକଟସ୍ଥ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ତୁମ୍ବା ଓ ଜରଡ଼ାକୁ ଯାତାୟାତ ବନ୍ଦ ହେବା ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଜରଡ଼ା ଥାନା ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ। ସେଠାରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ।

# ପିଏଚ୍‌ସିରେ ଅବ୍ୟବସ୍ଥା ନେଇ ହଟ୍ଟଗୋଳ

ପାରଳାଖେମୁଣ୍ଡି, ୧୪।୧ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହିଠାରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀ ଶନିବାର ସକାଳେ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଛନ୍ତି। ପୌରପରିଷଦର ୨ଟି ୱାର୍ଡର କାଉନସିଲରମାନେ ଏକତ୍ରିତ ହୋଇ ପ୍ରାଥମିକ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେମାନଙ୍କ ଅଭିଯୋଗ ହେଲା ଯେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ସକାଳ ୮.୩୦ସମୟରେ ଖୋଲିବା ପରିବର୍ତ୍ତେ ସକାଳ ୯.୩୦ରେ ଖୋଲାଯାଉଛି । ଏଠାରେ କାର୍ଯ୍ୟରତ ଡାକ୍ତର ପ୍ରାୟତଃ ଅନୁପସ୍ଥିତ ରହୁଛନ୍ତି। ବର୍ତ୍ତମାନ ମଧ ସେ ୧୦ଦିନ ଛୁଟିରେ ଥିବା ଜଣାପଡିଛି । ଡାକ୍ତର ନ ଆସିଲେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚିକିତ୍ସା କରାଯାଉଛି । ବାରମ୍ବାର ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଉଥିଲେ ମଧ କୌଣସି ସୁଫଳ ମିଳିନଥିବାରୁ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏମ.ଏମ. ଅଲ୍ଲୀ ପହଞ୍ଚି ବହୁ ବୁଝେଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ମହେନ୍ଦ୍ରତନୟା ମହୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୪।୧(ଡି.ଏନ୍.ଏ.)

ଗୋଷାଣି ବ୍ଲକ ସଦର ମହକୁମା ଠାରେ ଚାଲିଥିବା ମହେନ୍ଦ୍ରତନୟା ମହୋତ୍ସବ ଉଦ୍‌ଯାପିତ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ମହୋତ୍ସବକୁ ହଜାର ହଜାର ଲୋକ ଆସି ଭରପୁର ମଜା ଉଠାଇଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପରାମର୍ଶଦାତା ସୁଧୀର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲାପରିଷଦ ସଭାପତି ଜି. ତିରୁପତିରାଓ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରୋମାଞ୍ଚଳ ଖମାରୀ, ପାରଳାଖେମୁଣ୍ଡି ପିଏଆଇଟିଡିଏ ଫାଲଗୁନୀ ମାଝି, ଜିଲାମଙ୍ଗଳ ଅଧିକାରୀ ସନ୍ତୋଷ ରଥ, ବ୍ଲକ ଅଧକ୍ଷ ଏନ.ବୀରରାଜୁ, ଉପାଧକ୍ଷା ଏସ.ଅନୁସୂୟାଦେବୀ, ଜିଲାପରିଷଦ ସଭ୍ୟ ଏସ.ବାଲାରାଜୁ, ନୀଲାବତୀ ପାରିଗା ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଗଜପତି ମାଟିର ଗୁଣଗାନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ । ବିଡିଓ ନୀଳମାଧବ ମାଝୀଙ୍କ ନେତୃତ୍ୱରେ ହୋଇଥିବା ମହୋତ୍ସବର ଆୟୋଜନକୁ ଅତିଥି ପ୍ରଶଂସା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

# ଋଷିଶୃଙ୍ଗ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ।

ନୂଆଗଡ଼,୧୪।୧

ଗଜପତି ଜିଲା ନୂଆଗଡ଼ ବ୍ଲକ ଖଜୁରିପଦା ବାବାସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ ଋଷିଶୃଙ୍ଗ ମହୋତ୍ସବ ଉଦଯାପିତ ହୋଇଛି। ହାସ୍ୟ ଅଭିନେତା ହରି ଭାଇ, ଗାଇକା ପ୍ରଜ୍ଞା ହୋତା, କଳାକାର ରବି କୁମାର ଓ ଭୁବନେଶ୍ୱର ଡିଜେ ଡେଞ୍ଚଗ୍ରୁପମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଲୋକପ୍ରିୟ ଗାଇକା ପ୍ରଜ୍ଞା ହୋତାଙ୍କ ଗୀତରେ ଝୁମିଥିଲେ ଦର୍ଶକ। ବ୍ଲକ ଖବରଦାତାମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଏସ୍‌ଡିସି ଅଧକ୍ଷ ମରିୟମ ରଇତ, ସ୍ଥାନୀୟ ବ୍ଲକ ଅଧକ୍ଷା ମାଳତି ପ୍ରଧାନ, ଉପାଧକ୍ଷ ନିହିମିୟା ରଇତ, ଉଦୟଗିରି ବ୍ଲକ ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ତହସିଲଦାର କୁରେଶ ଚନ୍ଦ୍ର ଜାନି, ଅନ୍ତର୍ଯ୍ୟାମୀ ଗମାଙ୍ଗ, ପୂର୍ବତନ ଜିଲାପରିଷଦ ସଭ୍ୟ ଜେମେସ ରାଇକାଙ୍କ ସମେତ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ଏଡିଏମ୍ ପ୍ରଦୀପ କୁମାର ନାୟକ ଯୋଗଦାନ କରିଥିଲେ।

### ଅଗ୍ନିକାଣ୍ଡରେ କୁକୁଡ଼ା, ଛେଳି ପୋଡ଼ିଗଲେ

ରାମଗିରି,୧୪।୧(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତ ୭ ନମ୍ବର ୱାର୍ଡ ଗମାଙ୍ଗସାହିରେ ଅଗ୍ନିକାଣ୍ଡ ଘଟି ଘର ସହ କୁକୁଡ଼ା ଓ ଛେଳି ସମ୍ପୂର୍ଣ ପୋଡି ଯାଇଛନ୍ତି। ଗମାଙ୍ଗସାହି ଠାରୁ ମାତ୍ର ଦେଢ଼ କିଲୋମିଟର ଦୂର ପାହାଡ ଘେରାରେ ଅଶୋକ କୁମାର ବଡ଼ରଇତଙ୍କ ସହ ୫ ଜଣ ସଦସ୍ୟ ଏକ ଚାଳଘରେ ବହୁ ବର୍ଷ ଧରି ବସବାସ କରି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ କୌଣସି ଏକ କାରଣ ବଶତଃ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ଘରେ ଥିବା ସମସ୍ତ ଆସବାବ ପତ୍ର, ନଗଦ ୬୫ ହଜାର ଟଙ୍କା, ତିନି ବର୍ଷର ଗଚ୍ଛିତ ଧାନ ଏବଂ ସିଲେଇ ମେସିନ, ସ୍ପ୍ରେ ମେସିନ ସହ ଅନ୍ୟାନ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଘର ପାର୍ଶ୍ୱରେ ଥିବା ଗୁହାଳରେ ଥିବା ଗୋଟିଏ ଗାଇ, ବାଛୁରୀ, ଦୁଇଟି ବଳଦ ଗୁରୁତର ଆହତ ହୋଇଥିବା ବେଳେ ୬ଟି ଛେଳି ଏବଂ ୨୭ଟି କୁକୁଡ଼ା ଜଳି ଯାଇଛନ୍ତି। ରାମଗିରି ଭିଏଏସ ଡ଼ଃ. ପ୍ରିୟ ରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଘଟଣା ସ୍ଥଳକୁ ସୁବଲଡା ଗ୍ରାମପଞ୍ଚାୟତ ସରପଞ୍ଚ , ପିଇଓ, ରାମଗିରି ଥାନା ଅଧିକାରୀ, ରାମଗିରି ରାଜସ୍ୱ ନିରୀକ୍ଷକ ଅଧିକାରୀ, ଆର.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପଞ୍ଚାୟତ ସମିତି ଅଧକ୍ଷ, ବିଧାୟକ ପ୍ରତିନିଧି, ସୁବଲଡା ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ସହ କିଛି ସାମାଜିକ କର୍ମୀ ପରିଦର୍ଶନ କରି ରାସନ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଆର.ଉଦୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମ ।

ଆର.ଉଦୟଗିରି,୧୪।୧(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ଅନୁଷ୍ଠିତ ହେଉଥିବା ଆର. ଉଦୟଗିରି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଛି। ବିଡ଼ିଓ ଲରିମନ ଖର୍ସେଲ ଉପସ୍ଥିତ ଅତିଥି ଏବଂ ଦର୍ଶକଙ୍କୁ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ। ଗଜପତି ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଆର. ଉଦୟଗିରି ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର ପ୍ରମୁଖ ଉପସ୍ଥିତ ରହି ଏହି ଉତ୍ସବକୁ ଉପଭୋଗ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଲୋକ ମନ ଜିଣିଥିଲେ ଗୀତିକାର ଅଭିଜିତ୍ ମଜୁମଦାର, ସଙ୍ଗୀତା, ବ୍ରହ୍ମପୁର ଜଗାବଳିଆ ଡ୍ୟାନ୍ସଗ୍ରୁପ୍, ଆନ୍ନା ବେକାରିଆ ନୁକ, ଅନ୍ନଦାପ୍ରଭା ଏବଂ କଳାହାଣ୍ଡି ମୃଣ୍ମୟୀ ଡ୍ୟାନ୍ସଗ୍ରୁପ୍।

# ଅପରାଧ ସମୀକ୍ଷା କଲେ ଗଞ୍ଜାମ ଏସ୍‌ପି

ଛତ୍ରପୁର,୧୪।୧(ଡି.ଏନ୍.ଏ.)

ନୂତନ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଛତ୍ରପୁର ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆପରାଧିକ ସମୀକ୍ଷା ବୈଠକ କରିଛନ୍ତି। ନିୟମିତ ପାଟ୍ରୋଲିଂ, ଅସାମାଜିକ ବ୍ୟକ୍ତି ଓ ପୁରୁଣା ଅପରାଧୀଙ୍କ ଉପରେ ନଜର ରଖିବା, ବେଆଇନ ମଦ କାରବାର ବନ୍ଦ, ହେଲ୍‌ମେଟ ପିନ୍ଧି ନ ଥିବା ଓ ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରପଗଡ଼, ଆଇନଶୃଙ୍ଖଳା ବଜାୟ ରଖିବା, ଆମ ପୋଲିସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଥାନାଗୁଡିକରେ ପଡି ରହିଥିବା ମାମଲାର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ, ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ ବେହେରା, ଚମାଖଣ୍ଡି ଥାନା ଆଇଆଇସି ସୁଦୀପ୍ତ ସାହୁ, ରମ୍ଭା ଥାନା ଆଇଆଇସି ପି. ସ୍ୱରୂପ କିଷାନ ଓ ଖଲ୍ଲିକୋଟ ଥାନା ଆଇଆଇସି ଜଗନ୍ନାଥ ମଲିକ ଉପସ୍ଥିତ ଥିଲେ ।

## ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ସରିଲା



ୱାର୍ଡସଭ୍ୟାସଭ୍ୟଙ୍କୁ ତାଲିମ ପ୍ରଶିକ୍ଷଣପତ୍ର ପ୍ରଦାନ କରାଯାଉଛି।

ଦାରିଙ୍ଗବାଡି,,୧୪।୧(ଡି.ଏନ୍.ଏ.)

ଦାରିଙ୍ଗବାଡି ବ୍ଲକ ଅଧୀନ ୨୫ଟି ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏଥିରେ ୬ଟି ଗ୍ରୁପରେ ମୋଟ ୨୭୮ଜଣ ତାଲିମ ନେଇଛନ୍ତି। ସେମାନଙ୍କୁ ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଯୋଜନା ଓ ପରିଚାଳନା, ଦୀର୍ଘସ୍ଥାୟୀ ବିକାଶର ଲକ୍ଷ୍ୟ ଓ ଗ୍ରାମପଞ୍ଚାୟତର ବିକାଶ ଯୋଜନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟକ୍ରମରେ ପଞ୍ଚାୟତର ଭୂମିକା, ମିଶନଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ, ମହିଳା ଓ ଶିଶୁ ବିକାଶ ଯୋଜନା ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ପଞ୍ଚାୟତର ଭୂମିକା ସମ୍ପର୍କରେ ତାଲିମ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସ୍ଥାନୀୟ ଜାଗୃତି ସହାଭାଗିତାରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କାଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାଙ୍କୁ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ସରକାରୀ ତାଲିମଦାତା ମନୋଜ କୁମାର ପଟ୍ଟନାୟକ ଏବଂ ବିଶ୍ୱରଞ୍ଜନ କର ତାଲିମ ଦେଇଥିଲେ।

# ଗଞ୍ଜାମ ହୋମ୍‌ସିକ୍ସ ଚାମ୍ପିୟନ

## ମେଗା ୟୁଥ୍ କ୍ଲବ ଟେନିସ୍ ଟୁର୍ଣ୍ଣାମେଣ୍ଟ

ଗଞ୍ଜାମ,୧୪।୧(ଡି.ଏନ୍.ଏ.)

ପୁଇଁତୋଳା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ମେଗା ୟୁଥ୍ କ୍ଲବ ଟେନିସ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଗ୍ରାସୀମ ଏଚ୍‌ଆର ହେଡ୍ ନୀରଜ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଭଗବାନ ବେହେରା, ବ୍ଲକ କଂଗ୍ରେସ ସଭାପତି ଏନ୍. ଗଣେଶ ରେଡ୍ଡୀ, ଓକିଲ କୈଳାସ ପଲାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚରେ ଗଞ୍ଜାମ ହୋମ ସିକ୍ସ ସହ କ୍ରିଷ୍ଣା ସିକ୍ସ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ହୋମ୍‌ସିକ୍ସ ପ୍ରଥମ ମ୍ୟାଚ ଜିତିଥିବା ବେଳେ ସେକେଣ୍ଡ ମ୍ୟାଚରେ କ୍ରିଷ୍ଣା ସିକ୍ସ ବିଜୟ ଲାଭ କରିଥିଲା। ପରବର୍ତ୍ତୀ ମ୍ୟାଚକୁ ଗଞ୍ଜାମ ହୋମ ସିକ୍ସ ଜିତି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟକୁ ଧରଣୀଧର ସାହୁ, ଜଗା ତରାଇ, ସତ୍ୟବ୍ରତ ପଲାଇ, ସମୀର ବିଶ୍ୱାଳ, ପଙ୍କଜ ତରାଇ, ଟିଲୁ ବିଶ୍ୱାଳ, ମନ୍ମଥ ବିଶ୍ୱାଳ ଓ ପ୍ରତାପ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସାନଖେମୁଣ୍ଡି ବିଧାୟକ ଜେନାଙ୍କୁ ଦେଖିବା ପାଇଁ ସେଠାରେ ପ୍ରବଳ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଥିଲା। ଶହ ଶହ ଗାଡ଼ି ମୋଟରକୁ ନିୟନ୍ତ୍ରଣ କରିବା ପାଇଁ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ବ୍ୟାପକ ପୋଲିସ ବନ୍ଦୋବସ୍ତ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ଖେଳାଳି।

# ସଙ୍ଗୀତରେ ଦର୍ଶକ ମନ୍ତ୍ର ମୁଗ୍ଧ

**ସିଲ୍କ ସିଟି ଫେଷ୍ଟ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

- ଗୀତା ମାଧୁରୀଙ୍କ କଣ୍ଠରେ ସ୍ୱାମୀ...
- ଦର୍ଶକଙ୍କୁ ବିଭୋର କଲେ ନୀତି ମୋହନ

ବ୍ରହ୍ମପୁର ଅଫିସ,୧୪।୧

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜିଲା ପ୍ରଶାସନର ମିଳିତ ସହଯୋଗରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆଠାରେ ଆୟୋଜିତ ହେଉଥିବା ସିଲ୍କସିଟି ଫେଷ୍ଟର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଟଲିଉଡ ସଙ୍ଗୀତଜ୍ଞ ଗୀତା ମାଧୁରୀ, ମାନୋ, ସାରେଗାମା ପାର ପ୍ରସିଦ୍ଧ ଗାୟକ ସ୍ମିତି ମିଶ୍ର, ଇଣ୍ଡିଆ ରକ୍ଷ୍ଟାର ବିଜେତା ରତୁରାଜ ମହାନ୍ତି, ବଲିଉଡ ସଙ୍ଗୀତଜ୍ଞ ନୀତିମୋହନ ଗୀତ ପରିବେଶଣ କରିଥିଲେ। ଗୋଟିଏ ଦିନରେ ୫ ଜଣ ସଙ୍ଗୀତଜ୍ଞଙ୍କୁ ମଞ୍ଚ ଉପରେ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା।

ପ୍ରଥମେ ଟଲିଉଡ ସଙ୍ଗୀତଜ୍ଞ ଗୀତା ମାଧୁରୀ ଓ ମାନୋ ତେଲୁଗୁ ଫିଲ୍ମ ବାଲେୟାର ସୁପରହିଟ ଗୀତ ପରିବେଷଣ କରିଥିଲେ। ଗୀତା ମାଧୁରୀ ମଧ୍ୟ ପୁଷ୍ପା ଚଳଚ୍ଚିତ୍ରର ସ୍ୱାମୀ.. ଗୀତ ଗାଇ ଦର୍ଶକଙ୍କୁ ବିଭୋର କରିଥିଲେ। ପରେ ମାଧୁରୀ ଓ ମାନୋ ମୁକାବିଲା ଗୀତରେ ଦର୍ଶକ ମନ୍ତ୍ର ମୁଗ୍ଧ ହୋଇଥିଲେ। ସ୍ମିତି ମିଶ୍ର ମିତୱା..ରଘୁକୁଲ ରୀତ.. ଘୁମର ଗୀତ ଗାନ କରିଥିଲେ। ନୀତି ମୋହନ ମେରି ଜିନ୍ଦେଗି.., ତୁନେ ମାରି ଏଣ୍ଟ୍ରିୟା ଭଳି ସୁପରହିଟ ଗୀତରେ ଦର୍ଶକଙ୍କ ମନ ଜିଣିଥିଲେ।

ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାଷ ବେହେରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସି ଏଚ ଉଷାରାଣୀ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, କମିଶନର ଜେ ସୋନାଲ ଓ ବ୍ରହ୍ମପୁର ଏସ୍‌ପି ଡା ଶ୍ରବଣା ବିବେକ ଏମ ଯୋଗ ଦେଇଥିଲେ। ହକି ପାଇଁ ଆଜି ସମଗ୍ର ରାଜ୍ୟ ଉତ୍ସବ ମୁଖର। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ରାଜ୍ୟରେ ବିଶ୍ୱକପ ହକି କ୍ରୀଡା ଅନୁଷ୍ଠିତ ହୋଇପାରିଛି। ହକିକୁ ସ୍ୱାଗତ ଜଣାଇ ସମସ୍ତ ବ୍ରହ୍ମପୁରବାସୀ ମହୋତ୍ସବ ମାଧ୍ୟମରେ ପ୍ରୋତ୍ସାହନ ଦେବା ପାଇଁ ଅତିଥିମାନେ କହିଥିଲେ। ଛତ୍ରପୁର ବିଧାୟକ ତେଲୁଗୁ ଭାଷାରେ ଭାଷଣ ଦେବା ସହ ଉପସ୍ଥିତ ଦର୍ଶକଙ୍କୁ ତେଲୁଗୁ ଭାଷାରେ ମକର ସଂକ୍ରାନ୍ତି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲା ଗର୍ବ ଗୌରବ ତଥା ବରିଷ୍ଠ ହକି କ୍ରୀଡାବିତ ସୀମାଦ୍ରୀ ବେହେରା ଓ ଅକ୍ଷୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଥାଉ କି ହକି କ୍ରୀଡାବିତ ସୀମାଦ୍ରି ୬ ବର୍ଷ ଧରି ରାଜ୍ୟ ଟିମରେ କ୍ୟାପଟେନ ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଅକ୍ଷୟ କୁମାର ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରୀୟ ହକି କ୍ରୀଡାରେ ସୁନାମ ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶେଷରେ ଡେପୁଟି ମେୟର ଧନ୍ୟବାଦ ଅର୍ପଣ କରିଥିଲେ।


ସିଲ୍କସିଟି ଫେଷ୍ଟ ଦ୍ୱିତୀୟ ସନ୍ଧ୍ୟାରେ ଫ୍ୟାଶନ ଶୋ’।


ସାରେଗାମାପା ଗାୟିକା ସ୍ମିତୀ ମିଶ୍ର।


ଭାରତନାଟ୍ୟମ୍।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସାଗର


@ ସାଇ


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଆଜି କ’ଣ କେଉଁଠି

**ବ୍ରହ୍ମପୁର**

- ସିଲ୍କ ସିଟି ଫେଷ୍ଟ ତୃତୀୟ ସନ୍ଧ୍ୟା। ସ୍ଥାନ–ୟୁସିପି ଖେଳ ପଡିଆ। ସମୟ–ଅପରାହ୍ନ ୫ଟା।

**ଗଞ୍ଜାମ**

- ଶୀତ ଆସର। ମକର ମିଳନ। ସ୍ଥାନ: ବାବା ଆଳେଶ୍ୱର ପୀଠ, ପ୍ରୟାଗୀ। ସମୟ: ପୂର୍ବାହ୍ନ ୧୦ଟା

**ଛତ୍ରପୁର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ଭାଗ କ୍ରୀଡା। ସ୍ଥାନ–ଛତ୍ରପୁର ଷ୍ଟାଡିୟମ,ସମୟ– ସକାଳ ୮ଟା।

**ଖଲ୍ଲିକୋଟ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ। ସ୍ଥାନ–ଫୁଲଝର, ସମୟ–ପୂର୍ବାହ୍ନ ୧୦ଟା।

# ଜମି ବିବାଦ ନେଇ ସଂଘର୍ଷ

**ଦୁଇ ପଡ଼ୋଶୀ ଗିରଫ**

ବ୍ରହ୍ମପୁର ଅଫିସ,୧୪।୧

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଶକ୍ତି ନଗରରେ ବହୁବର୍ଷ ଧରି ଲାଗିରହିଥିବା ଜମି ବିବାଦକୁ କେନ୍ଦ୍ରକରି ଦୁଇ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏନେଇ ଉଭୟଙ୍କ ପକ୍ଷରୁ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ଅନୁସନ୍ଧାନ କରି ଉଭୟ ପଡ଼ୋଶୀଙ୍କୁ ଗିରଫ କରିଛି। ତ୍ରିଲୋଚନ ମହାନ୍ତିଙ୍କ ଅଭିଯୋଗ କ୍ରମେ ପଡ଼ୋଶୀ ଉମାକାନ୍ତ ଅଧିକାରୀଙ୍କୁ, ସେହିପରି ଉମାକାନ୍ତ ଅଧିକାରୀଙ୍କ ଅଭିଯୋଗ ଅନୁଯାୟୀ ପଡ଼ୋଶୀ ତ୍ରିଲୋଚନ ମହାନ୍ତିଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ତ୍ରିଲୋଚନ ଜଣେ ରାଜ ମିସ୍ତ୍ରି ଅଟନ୍ତି। ସେ ଶକ୍ତିନଗର ଅଞ୍ଚଳରେ ଜମି ବିକ୍ରି କରିବା ସହ ଗୃହ ନିର୍ମାଣ କାମ ମଧ୍ୟ କରନ୍ତି। କିଛି ବର୍ଷ ପୂର୍ବେ ତ୍ରିଲୋଚନଙ୍କଠାରୁ ଉମାକାନ୍ତ ଏକ ଜାଗା କ୍ରୟ କରିବା ପରେ ଗୃହ ନିର୍ମାଣ କାମ ଆରମ୍ଭ କରିଥିଲେ। ଉମାକାନ୍ତଙ୍କ ଜାଗା ପାର୍ଶ୍ୱରେ ତ୍ରିଲୋଚନଙ୍କ ଏକ ଜମି ରହିଛି। ଉକ୍ତ ଜାଗାର କେତେକ ଅଂଶକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଅନ୍ୟପଟେ ଶକ୍ତିନଗରରେ ରହୁଥିବା ଉମାକାନ୍ତ ଅଧିକାରୀ ଶୁକ୍ରବାର ବ୍ରଜନଗରସ୍ଥିତ ପୋଷ୍ଟ ଅଫିସରେ ଲୋକଙ୍କ ଟଙ୍କା ଜମା କରି ଘରକୁ ଫେରୁଥିବା ବେଳେ ରାସ୍ତାରେ ଉଭୟଙ୍କ ମଧ୍ୟରେ ଜମି ବିବାଦକୁ କେନ୍ଦ୍ରକରି ସଂଘର୍ଷ ଘଟିଥିଲା। ତ୍ରିଲୋଚନ ଏକ ଇଟାରେ ଉମାକାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଅନ୍ୟପଟେ ଉମାକାନ୍ତ ତ୍ରିଲୋଚନଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ ବୋଲି ଉଭୟ ପୃଥକ୍ ଭାବେ ଥାନାରେ ଅଭିଯୋଗ କରିଥିଲେ।

# ତମାଖୁ ବିକ୍ରି ଦୋକାନରେ ଚଢ଼ାଉ

## ୧୦୪ ଦୋକାନରୁ ଜୋରିମାନା ଆଦାୟ

ବ୍ରହ୍ମପୁର ଅଫିସ,୧୪।୧

ବ୍ରହ୍ମପୁର ମହାନଗର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ତମାଖୁ ଓ ଧୂମପାନର ବହୁଳ ବିକ୍ରିବଟା ହେଉଛି। ଜିଲାରେ କୋଟପା ଆଇନ କଡ଼ାକଡ଼ି କରିବା ପାଇଁ ପ୍ରତିବର୍ଷ ବିଭିନ୍ନ ତମାଖୁ ବିକ୍ରି ଦୋକାନରେ ଯାଞ୍ଚ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ପାଇଁ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ, ଅବକାରୀ ବିଭାଗ କର୍ମଚାରୀ ଓ ଡ୍ରଗ୍ସ ଇନ୍ସପେକ୍ଟର ସାମିଲ ରହିଛନ୍ତି। ଡିସେମ୍ବର ୧୭ରେ ବ୍ରହ୍ମପୁର ମହାନଗର ନିଗମର ୩୦ ଦୋକାନରେ ବେଆଇନ ଭାବେ ବିକ୍ରି ହେଉଥିବା ତମାଖୁ ଓ ଧୂମପାନ ଅଭିଯୋଗରେ ଏହି ଟିମ୍ ଚଢ଼ାଉ କରିଥିଲା। ସେମାନଙ୍କଠାରୁ ୪୧୧୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସେହିପରି ଗତ ମାସ ୨୦ ତାରିଖରେ ବୁଗୁଡ଼ା ବ୍ଲକରେ ତମାଖୁ ଓ ଧୂମପାନ ବିକ୍ରି କରୁଥିବା ୩୪ ଦୋକାନରେ ଚଢାଉ କରାଯାଇ ୬୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ମାସ ୨୧ ତାରିଖରେ ଦିଗପହଣ୍ଡି ବ୍ଲକ ଅଞ୍ଚଳର ୪୦ ଦୋକାନରୁ ତମାଖୁ ଓ ଧୂମପାନ ବିକ୍ରି କରୁଥିବା ଅଭିଯୋଗରେ ୮୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ମୋଟ ୧୦୪ ଗୋଟି ଦୋକାନ ଉପରେ ଚଢ଼ାଉ କରାଯାଇ ୧୮,୪୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ଡିସେମ୍ବରରେ ତମାଖୁ ଓ ଧୂମପାନ ବିକ୍ରି କରାଯାଉଥିବା ଜିଲାର କେବଳ ଦୁଇଟି ବ୍ଲକ ଓ ବିଏମ୍‌ସିରେ ଚଢ଼ାଉ କରାଯାଇଛି। ଏହି ଟିମ ଗତ ୭ ମାସରେ ୨୪ଟି ସ୍ଥାନରୁ ୬୫୦ ଜଣ ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ୪୬ ହଜାର ୩୦ ଟଙ୍କା ଜରିମାନା ଆଦାୟ କରିଛି। ଆଗାମୀ ମାସଗୁଡ଼ିକରେ ମଧ୍ୟ ଏହି ଚଢ଼ାଉ ଜିଲାର ଅନ୍ୟ ବ୍ଲକଗୁଡ଼ିକରେ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତମାଖୁ ଓ ଧୂମପାନ ବିକ୍ରି କରୁଥିବା ଦୋକାନରେ ଚଢ଼ାଉ କରାଯିବା ସହ ଲୋକମାନଙ୍କୁ ତମାଖୁ ଓ ଧୂମପାନ ବର୍ଜନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ଉଜ୍ଜ୍ୱଳ ଚାମ୍ପିୟନ

ବ୍ରହ୍ମପୁର ଅଫିସ,୧୪।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ପିପୁଲସ କଲେଜ ବୁଗୁଡ଼ାଠାରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଆମ୍ବପୁଆସ୍ଥିତ ସିଟି ମହାବିଦ୍ୟାଳୟ ଯୁକ୍ତ୩ ବାଣିଜ୍ୟ ବିଭାଗ ଶେଷ ବର୍ଷ ଛାତ୍ର ଉଜ୍ଜ୍ୱଳ ଗୁଜରାତି ୭୫ କେଜି ବର୍ଗରେ ପ୍ରତିଯୋଗିତା କରିଥିଲେ। ଏହି ପ୍ରତିଯୋଗିତାରେ ଉଜ୍ଜ୍ୱଳ ନିଜ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଓଭରାଲ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଜାତୀୟସ୍ତରରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟ ରଖିଥିବା କହିଛନ୍ତି ଉଜ୍ଜ୍ୱଳ। ସେ ଦୀର୍ଘ ୪ ବର୍ଷ ହେବ ପାଠପଢ଼ା ସହ ସୁନ୍ଦରସ୍ୱାସ୍ଥ୍ୟ କ୍ରୀଡ଼ା କ୍ଷେତ୍ରରେ ଜଡ଼ିତ ରହିଛନ୍ତି।



ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଚାମ୍ପିୟନରେ ଉଜ୍ଜ୍ୱଳ ପୁରସ୍କୃତ ହେଉଛନ୍ତି ।

# ଆଇଆର୍‌ଇରେ ଚାକିରି ଦାବି ନେଇ ଧାରଣା ୪ର୍ଥ ଦିନରେ

ଛତ୍ରପୁର,୧୪।୧(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟରେ ନିଯୁକ୍ତି ଦାବି ନେଇ ମୃତ କର୍ମଚାରୀଙ୍କ ପରିବାର ସଦସ୍ୟମାନଙ୍କ ପକ୍ଷରୁ ଚାଲିଥିବା ଧାରଣା ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି। ୨୦୧୮ରୁ ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି ଦିଆଯାଉ ନ ଥିବା କୁହାଯାଇଛି। ସୂଚନାଯୋଗ୍ୟ ଆରଡିସି, ଗଞ୍ଜାମ ଜିଲାପାଳ ଓ ଛତ୍ରପୁର ଉପଜିଲାପାଳ ଗତବର୍ଷ ଆଇଆର୍‌ଇର ସିଜିଏମ୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖି ପର୍ଯ୍ୟାୟକ୍ରମେ ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ପ୍ଲାଣ୍ଟରେ ନିଯୁକ୍ତି ଦେବାକୁ କହିଥିଲେ ।

## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା, ଜଣେ ଗୁରୁତର

**ବ୍ରହ୍ମପୁର ଅଫିସ,୧୪।୧:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତିନଗର ଛକ ନିକଟରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଏକ କାର ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ଲୋଚାପଡ଼ାର ଜୟରାମ ଚୌଧୁରୀ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ଘଟାଇବା ପରେ କାର ଚାଳକ ସେଠାରୁ ଫେରାର ହୋଇଯାଇଥିବା ଜଣାପଡିଛି। ରାସ୍ତା ଉପରେ ଗୁରୁତର ଆହତ ହୋଇପଡ଼ିଥିବା ଜୟରାମଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ ପଠାଇଥିଲେ। ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ଶୁକ୍ରବାରଠାରୁ ବ୍ରହ୍ମପୁର ମହୋତ୍ସବ ଚାଲିଥିବା ବେଳେ ସନ୍ଧ୍ୟାରେ ମେଡିକାଲ ଛକ ନିକଟରୁ ଇଞ୍ଜିନିୟରିଂ ସ୍କୁଲ ଛକ ମଧ୍ୟରେ ପ୍ରବଳ ଗହଳି ହେବା ସହ ସେଠାରେ ଟ୍ରାଫିକ ଭିଡ ରହୁଛି। ଶନିବାର ଅପରାହ୍ନ ୫ଟାରେ ଇଞ୍ଜିନିୟରିଂ ସ୍କୁଲ ଛକ ପଟୁ ଏକ କାର (ନଂ ଓଡି୦୭ ଏଜି ୨୫୬୩) ଆସି ଗଜପତିନଗର ଛକ ବୁଲାଣି ଦେଇ ଗଜପତିନଗରକୁ ଯାଉଥିଲା। ସେହି ସମୟରେ ସମ୍ମୁଖ ପଟୁ ଆସୁଥିବା ଏକ ବାଇକ (ନଂ ଓଡି୦୨ ଏଟି ୫୭୦୨) କୁ କାରଟି ଧକ୍କା ଦେଇଥିଲା। ବାଇକ୍ ଚାଳକ ଜୟରାମ ଗାଡ଼ିରୁ ପଡି ଗୁରୁତର ହୋଇଥିଲେ।

### ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ
### ହକି ପ୍ରଚାର ପ୍ରସାର କର୍ମଶାଳା

**ବ୍ରହ୍ମପୁର ଅଫିସ,୧୪।୧:** ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ହକିର ପ୍ରଚାର ପ୍ରସାର ଓ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ.କାହ୍ନୁଚରଣ ପାଢ଼ୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମଧୁମେହ ରୋଗ ବିଶେଷଜ୍ଞ ଡ.ସୁନୀଲ କୋଙ୍ଗା ଯୋଗ ଦେଇଥିଲେ। ସେ ଉତ୍ତମ ସ୍ୱାସ୍ଥ୍ୟ ଉପକାରିତା ସମ୍ପର୍କରେ ବୁଝାଇଥିଲେ। କର୍ମଶାଳାରେ ଉଭୟ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ନମିତା କୁମାରୀ ମହାପାତ୍ର, ସ୍ମୃତି ଗନ୍ତାୟତ ଓ ଲୁନାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ବ୍ରହ୍ମପୁର ଅଫିସ,୧୪।୧

ସ୍ଥାନୀୟ ଗୁଡସ୍‌ସେଡ ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଶନିବାର ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ପ୍ରଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ସମ୍ମାନିତ ଅତିଥି ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷଙ୍କ ସୁଭାଷ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ସମ୍ପାଦିକା ଅନୀତା କୁମାରୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥ ଡ଼.ପଟ୍ଟନାୟକ ରୋବୋଟିକ ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ଏହାସହ ଆଧୁନିକ ଯଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମେଳାରେ ବିଭିନ୍ନ ବର୍ଗରେ ପ୍ରାୟ ୨୫୦ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା। ଏଥିରେ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ସାଗରିକା ପାତ୍ର, ଲକ୍ଷ୍ମୀରାଣୀ ଚୌଧୁରୀ, ହର୍ଷ ପ୍ରସାଦ ଦାଶ,ସୌମ୍ୟ ସିଦ୍ଧାର୍ଥ ବାରିକ, ପ୍ରୀତି ପଦ୍ମା ସାହୁ, ସତ୍ୟ ନାରାୟଣ ପଟ୍ଟନାୟକ ଓ ଅଧକ୍ଷା ମଧୁସ୍ମିତା ପରିଡା ପରିଚାଳନା କରିଥିଲେ। ବିଜ୍ଞାନ ଗ୍ରୁପ ୧ ରେ ଅନିକେତ ସାହୁ ପ୍ରଥମ,ପରିଧୀ ଚୌଧୁରୀ କ୍ରିତୀକା ପ୍ରଧାନ ପ୍ରଥମ, ଆୟୁସୀ ପଟ୍ଟନାୟକ ଦ୍ୱିତୀୟ ଏବଂ ବିରାଜ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗ୍ରୁପ ୨ ବିଜ୍ଞାନରେ ସାଇ ପ୍ରସାଦ କାଣ୍ଡି ପ୍ରଥମ, କ୍ରିଷ୍ଣା ସେଠୀ ଦ୍ୱିତୀୟ ଏବଂ ସୁଭମ୍ ପଣ୍ଡା ତୃତୀୟା ସ୍ଥାନ ଅଧିକାର କରିଥିଲେ। ଗ୍ରୁପ ୩ରେ କମରନ ସରିଫ୍ ପ୍ରଥମ, ଅଂଶୁମାନ ଦାସ, ଆସ୍ଥା ଘୋଷ ଦ୍ୱତୀୟ ସ୍ଥାନ ଓ ଅଙ୍କିତ ପ୍ରସାଦ ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।


ଅତିଥିଙ୍କ ଦ୍ୱାରା ରୋବୋଟିକ ଲାବ ଉଦ୍‌ଘାଟନ।

# ଭୋଗୀ ପାଳି ନାଚଗୀତରେ ମସ୍‌ଗୁଲ୍ ତେଲୁଗୁ ସମ୍ପ୍ରଦାୟ


ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।


ଭୋଗୀ ଉତ୍ସବ ପାଳିତ।

**ପୋଙ୍ଗଲ ଉତ୍ସବ ପାଳିତ**

ବ୍ରହ୍ମପୁର ଅଫିସ,୧୪।୧

ଦୀର୍ଘ ୨ ବର୍ଷ ପରେ ଓଡ଼ିଆଙ୍କ ମକର ସଂକ୍ରାନ୍ତି ଓ ତେଲୁଗୁ ସମ୍ପ୍ରଦାୟର ପୋଙ୍ଗଲ ଶନିବାର ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଉତ୍ସବ ସହରର ଖାସ୍ତା ସାହି, ବଡ ବଜାର ଓ ସାନ ବଜାର ଅଞ୍ଚଳରେ ରହୁଥିବା ବହୁ ତେଲୁଗୁ ସମ୍ପ୍ରଦାୟ ଲୋକେ ମହାଆଡମ୍ବର ସହକାରେ ଉତ୍ସବକୁ ପାଳନ କରିଛନ୍ତି। ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ କହିବାନୁଯାୟୀ, ପୋଙ୍ଗଲ ପୂର୍ବଦିନ ଅର୍ଥାତ୍ ଭୋଗୀ ପୂର୍ବରୁ ମହିଳା ଓ ପୁରୁଷମାନେ ଭୋର ୪ଟାରୁ ଏକାଠି ହୋଇ କାଠରେ ନିଆଁ ଜାଳି ଭୋଗୀ ଉତ୍ସବ ପାଳନ ସହ ନାଚ ଗୀତରେ ମସଗୁଲ ହୋଇଥିଲେ। ଭୋଗୀରେ ନବଗ୍ରହ ଶାନ୍ତି ଉଦ୍ଦେଶ୍ୟରେ ୯ଟି କାଠରେ ଘିଅ ଓ କର୍ପୂର ପକାଯାଇ ଅଗ୍ନି ସଂଯୋଗ କରାଯାଇଥାଏ। ଏହାଦ୍ୱାରା ବିଶ୍ୱବାସୀଙ୍କ କଲ୍ୟାଣ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହ ଯୁବତୀମାନେ ଗୋବର ମାଧ୍ୟମରେ ଶ୍ରୀକୃଷ୍ଣଙ୍କୁ ପୂଜା କରିଥାନ୍ତି। ଯାହାକୁ ଗୋବ୍ବୁଲୁ ପୂଜା କୁହାଯାଏ। ସନ୍ଧ୍ୟାରେ ୫ବର୍ଷରୁ ଛୋଟ ଶିଶୁଙ୍କୁ ଏକାଠି କରି ସମସ୍ତ ପରିବାର ମିଳିତ ଭାବେ ଶିଶୁଙ୍କ ଉପରେ ଭୋଗୀ ପଲୁ ଅର୍ଥାତ ବରକୋଳି ପକାଇ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଶୁ କାମନା କରିଥାନ୍ତି। ପୋଙ୍ଗଲ ଦିନ ତେଲୁଗୁ ସମ୍ପ୍ରଦାୟଗୁଡିକ ପିତୃ ପୁରୁଷଙ୍କ ନିମନ୍ତେ ଶ୍ରାଦ୍ଧ କରିବା ସହ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ଏଥିସହ ନିଜ ଘରକୁ ଝିଅ ଓ ଜ୍ୱାଇଁଙ୍କୁ ଡକାଇ ସେମାନଙ୍କୁ ନୂତନ ବସ୍ତ୍ର ସହ ସେମାନଙ୍କ ଚାହିଦା ମୁତାବକ ଦ୍ରବ୍ୟ ଉପହାର ଆକାରରେ ପ୍ରଦାନ କରିଥାନ୍ତି। ସନ୍ଧ୍ୟାରେ ସମ୍ପର୍କୀୟଙ୍କ ସହ ମିଶି ସିନେମା ହଲକୁ ଚଳଚ୍ଚିତ୍ର ଦେଖିବାକୁ ଯାଇଥାନ୍ତି। ପୋଙ୍ଗଲ ପରଦିନ କନୁମା ଉତ୍ସବ ପାଳନ କରାଯାଇଥାଏ। ଏହି ଦିନରେ ଗୋରୁ, ବଳଦ ଓ ପଶୁ ପକ୍ଷୀଙ୍କୁ ହଳଦୀ, କୁଙ୍କୁମ ପକାଇ ପୂଜା କରିଥାନ୍ତି। ଏଥିସହ ମହିଳାମାନେ ନିଜ ନିଜ ଘରେ ରଥର ଝୋଟି ପକାଇ ନୂଆ ଚାଉଳରେ ଖିରି କରି ସମ୍ପର୍କୀୟ ଓ ସାହି ପଡୋଶୀଙ୍କୁ ବଣ୍ଟନ କରିଥାନ୍ତି। ଏହି ୩ ଦିନ ଉତ୍ସବରେ ବହୁ ଦୂର ଦୂରାନ୍ତରୁ ଆସିଥିବା ସମ୍ପର୍କୀୟମାନେ ନିଜ ଘରକୁ ଆସି ଉତ୍ସବରେ ସାମିଲ ହୋଇଥାନ୍ତି। ଏହି ଅବସରରେ ସହରର ଆନ୍ଧ୍ର ଭବିଷ୍ୟଭ୍ରଦାନୀ ସମାଜମ ଓ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ପୋଙ୍ଗଲ ଉତ୍ସବ ପାଳିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

